# NATIONAL NEWS BULLETIN (ODIA)

**3 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦିବ୍ୟାଙ୍ଗମାନଙ୍କ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବାସହ ଦକ୍ଷତା ବିକାଶର ଆବଶ୍ୟକତା ରହିଛି : କହିଲେ ରାଷ୍ଟ୍ରପତି ।

  - ନୂଆଦିଲ୍ଲୀରେ ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କଲେ ଜାତୀୟ ପୁରସ୍କାର ।

- ଚଣ୍ଡୀଗଡ଼ଠାରେ ୩ଟି ନୂତନ ଅପରାଧିକ ଆଇନର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ ।

- ଆଜିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି : ଆସନ୍ତାକାଲି ପୁରୀରେ ନୌସେନା ଦିବସ କାର୍ଯ୍ୟକ୍ରମରେ ହେବେ ସାମିଲ ।

- ଫେଞ୍ଜାଲ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ।

ଏବଂ

- ଦିବ୍ୟାଙ୍ଗଙ୍କ ପାଇଁ ଏକ ସୁଲଭ ଓ ସମାବେଶୀ ବାତାବରଣ ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ସୁଗମ୍ୟ ଭାରତ ଅଭିଯାନର ନବମ ବାର୍ଷିକୀ ।

---

# ପ୍ରେଜ୍ ଆୱାର୍ଡସ

ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୨୨ଜଣ ଆଦର୍ଶ ବ୍ୟକ୍ତି  ଏବଂ ୧୧ଟି ଅନୁଷ୍ଠାନକୁ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଆଜିର ପୁରସ୍କାର ବିଜେତାମାନଙ୍କୁ ସମାଜ ସମ୍ମୁଖରେ ଆଦର୍ଶଭାବେ ବିବେଚିତ କରିବ । ସେମାନଙ୍କୁ ଅନୁକରଣ କରି ଅନ୍ୟ ବ୍ୟକ୍ତି ଏବଂ ଅନୁଷ୍ଠାନମାନେ ସଶକ୍ତିକରଣ ଦିଗରେ ଆଗକୁ ବଢ଼ିପାରିବେ । ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା, ସେମାନଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ପ୍ରଦାନ କରିବା, ଦିବ୍ୟାଙ୍ଗମାନଙ୍କ ଉତ୍ପାଦ କ୍ରୟରେ ଅଗ୍ରାଧିକାର ଏବଂ ବିପଣନ ସୁବିଧା ପ୍ରଦାନ ସେମାନଙ୍କ ନେତୃତ୍ୱ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି । ଆଜିର ପୁରସ୍କାର ବିଜେତାମାନେ କେବଳ ପ୍ରେରଣାର ଲକ୍ଷ୍ୟ ନୁହଁନ୍ତି ବରଂ ପ୍ରେରଣାର ଉତ୍ସ ବୋଲି ରାଷ୍ଟ୍ରପତି କହିଛନ୍ତି । ଦିବ୍ୟାଙ୍ଗମାନଙ୍କୁ ସାର୍ବଜନୀନ ଉପଲବ୍ଧତା ପ୍ରଦାନ କରିବାରେ ସୁଗମ୍ୟ ଭାରତ ଅଭିଯାନର ଭୂମିକା ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି ଦିବ୍ୟାଙ୍ଗମାନଙ୍କୁ ସମବେଦନା ନୁହେଁ; ସମାନୁଭୂତି ଆବଶ୍ୟକ । ଦିବ୍ୟାଙ୍ଗମାନଙ୍କୁ ଆରାମଦାୟକ ଏବଂ ସମାନ ଅନୁଭବ କରାଇବା ସମଗ୍ର ମାନବ ଜାତିର କର୍ତ୍ତବ୍ୟ । ଦିବ୍ୟାଙ୍ଗମାନଙ୍କୁ ପ୍ରତ୍ୟେକ ଉପାୟରେ ପ୍ରତିବନ୍ଧକମୁକ୍ତ ପରିବେଶ ପ୍ରଦାନ କରିବା ସମାଜର ପ୍ରାଥମିକତା ହେବା ଉଚିତ୍ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଚଳିତବର୍ଷର ବିଷୟବସ୍ତୁ "ଏକ ସମାବେଶୀ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଭିନ୍ନକ୍ଷମଙ୍କ ନେତୃତ୍ୱ ବୃଦ୍ଧି" ଭିନ୍ନକ୍ଷମଙ୍କ ମଧ୍ୟରେ ନେତୃତ୍ୱ କ୍ଷମତାବୃଦ୍ଧି କରିବ । ଜଣେ ସକ୍ଷମ ବ୍ୟକ୍ତିଭଳି କାର୍ଯ୍ୟ କରିବାର ସୁଯୋଗ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆତ୍ମବିଶ୍ୱାସର ସହ ଏକ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିବାର ଭାବନା ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଉପସ୍ଥିତ ଥିଲେ ।

ଏହି ଅବସରରେ ଦିବ୍ୟାଙ୍ଗଙ୍କ ଜୀବନ ଅଧିକ ସମୃଦ୍ଧ କରିବା ଲକ୍ଷ୍ୟରେ ୧୬ଟି କଲ୍ୟାଣକାରୀ ପଦକ୍ଷେପର ରାଷ୍ଟ୍ରପତି ଶୁଭାରମ୍ଭ କରିଛନ୍ତି ।

---

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂତନ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ ଆଦିମ୍ ଓୱାର୍ ଜର୍ପା ଜାହେର୍ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବେ । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକୀ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବା ସହିତ ବ୍ଲୁ ଫ୍ଲାଗ୍ ବିଚ୍‌ରେ ନୌସେନା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ ।  ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ଏହି ନୌସେନା ଦିବସରେ ଭାରତୀୟ ନୌସେନା ଭବ୍ୟ ଯୁଦ୍ଧ ପରିଚାଳନା ପ୍ରଦର୍ଶନ କରିବ । ଏହି କାର୍ଯ୍ୟକ୍ରମ ୧୯୭୧ ଭାରତ-ପାକ୍ ଯୁଦ୍ଧ ସମୟରେ

ଗୁରୁତ୍ୱପୂର୍ଣ୍ଣ ନୌସେନା ଅପରେସନ ଟ୍ରାଇଡେଣ୍ଟର ବାର୍ଷିକୀକୁ ସୂଚିତ କରେ । ଏହି କାର୍ଯ୍ୟକ୍ରମରେ ୧୫ରୁ ଅଧିକ ଜାହାଜ ଓ ବୁଡ଼ାଜାହାଜ ଏବଂ ୪୦ରୁ ଅଧିକ ବିମାନ ପ୍ରଦର୍ଶିତ ହେବ । ଯେଉଁଥିରେ ସାମୁଦ୍ରିକ କମାଣ୍ଡୋ ଏବଂ ଭାରତୀୟ ସେନାର କର୍ମଚାରୀ ଯୋଗଦେବେ । ଭାରତର ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା ପାଇଁ ନୌସେନାର ସାମର୍ଥ୍ୟ ଏବଂ ଉତ୍ସର୍ଗୀକୃତ ବୀରତ୍ୱକୁ ଦର୍ଶାଇବା ଉଦ୍ଦେଶ୍ୟରେ ମିଗ୍-୨୯କେ ଏବଂ ହକ୍ ଯୁଦ୍ଧବିମାନ ଦ୍ୱାରା ଆକାଶକୌଶଳ, ମାର୍କୋସ ଦ୍ୱାରା ଯୁଦ୍ଧ ଅଭ୍ୟାସ, ବୁଡ଼ାଜାହାଜ ପରିଚାଳନା, ଉଚ୍ଚତର ଅବତରଣ ଏବଂ ଯୁଦ୍ଧଜାହାଜରୁ ରକେଟ୍ ଉତ୍କ୍ଷେପଣ ଆଦିର ପ୍ରଦର୍ଶନ କରାଯିବ ।

ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଆସନ୍ତା ଗୁରୁବାର ଦିନ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଭୁବନେଶ୍ୱରରେ ନୂତନ ଜୁଡିସିଆଲ୍ କୋର୍ଟ୍ କୋଠାକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ରାଇରଙ୍ଗପୁରରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ । ବାଙ୍ଗିରିପୋଷି-ଗୋରୁମହିଶାଣୀ, ବୁରାମରା-ଚକୁଳିଆ ଏବଂ ବାଦାମ ପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର ଏବଂ ରାଇରଙ୍ଗପୁର ବିମାନ ବନ୍ଦର ଓ ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବେ ।

---

## ପ୍ରଧାନମନ୍ତ୍ରୀ

ନୂତନ ନ୍ୟାୟସଂହିତା ଭାରତୀୟ ନ୍ୟାୟଯାତ୍ରାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଚଣ୍ଡୀଗଡ଼ଠାରେ ଆଜି ତିନୋଟି ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଦେଶ ବିକଶିତ ଭାରତର ସଂକଳ୍ପ ନେଇ ଆଗକୁ ବଢୁଛି। ଏହାସହ ସମ୍ବିଧାନ ଗ୍ରହଣ ତଥା ପ୍ରଣୟନର ୭୫ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ନୂତନ ସଂହିତା ଲାଗୁହେବା ସକାରାତ୍ମକ ଆରମ୍ଭ। ଏହି ଆଇନଗୁଡ଼ିକର ପରିସର ବ୍ୟାପକ ରହିଛି। ଦେଶର ସାମର୍ଥ୍ୟର ଉପଯୋଗ ଦେଶର ହିତ ପାଇଁ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସୂଚନା ଅନୁସାରେ ଗତ ଜୁଲାଇ ୧ ତାରିଖରେ ଦେଶବ୍ୟାପୀ ଏହି ନୂତନ ଆଇନ କାର୍ଯ୍ୟକାରୀ ହୋଇଥିଲା।

---

## ପାର୍ଲାମେଣ୍ଟ

ସଂସଦରେ ଚାଲିଥିବା ଶୀତକାଳୀନ ଅଧିବେଶନରେ ଆଜି ଲୋକସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାର ହିଂସା ଏବଂ ଏକ ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀ ବିରୋଧରେ ଲାଞ୍ଚ ଅଭିଯୋଗ ସମେତ ବିଭିନ୍ନ ପ୍ରସଙ୍ଗ ଉଠାଇ ଆଲୋଚନା ଦାବି କରିଥିଲେ। କିନ୍ତୁ ବାଚସ୍ପତି ଅନୁମତି

ନଦେବାରୁ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବା ସହ କକ୍ଷତ୍ୟାଗ କରିଥିଲେ ।

ସେହିପରି ରାଜ୍ୟସଭାରେ ଶୂନ୍ୟକାଳରେ ସମାଜବାଦୀ ପାର୍ଟି ସାଂସଦ ପ୍ରଫେସର ରାମଗୋପାଳ ଯାଦବ ସମ୍ଭଲରେ ହିଂସା ପ୍ରସଙ୍ଗ ଉଠାଇଥିଲେ । ଏହି ପ୍ରସଙ୍ଗରେ ସରକାର ଗୃହରେ ତୁରନ୍ତ ଆଲୋଚନା କରନ୍ତୁ ବୋଲି ଦାବିକରି ସମାଜବାଦୀ ପାର୍ଟି ଏବଂ ଟିଏମ୍‌ସି ସାଂସଦମାନେ କକ୍ଷତ୍ୟାଗ କରିଥିଲେ । ଅପରାହ୍ଣରୁ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ।

## ଇସ୍ରାଏଲ-ଲେବାନନ ସିଜ୍‌ଫାୟାର

ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ଇସ୍ରାଏଲ ଉଲ୍ଲଙ୍ଘନ କରିଛି । ନିକଟରେ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି ପାଇଁ ଚୁକ୍ତି ହୋଇଥିବା ବେଳେ ଇସ୍ରାଏଲ ସୋମବାର ପୁଣିଥରେ ଲେବାନନର ବିଭିନ୍ନ ସ୍ଥାନରେ ଆକାଶମାର୍ଗରୁ ରକେଟ୍ ମାଡ କରିଛି । ଏଥିରେ ୧୧ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏହାର ଜବାବରେ ହିଜ୍‌ବୁଲ୍ଲା କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ଉତ୍ତେଜନା ବୃଦ୍ଧି ପାଇଛି । ଦକ୍ଷିଣ ଲେବାନନ୍‌ରେ ହିଜବୁଲ୍ଲାର ପ୍ରତ୍ୟାହାର ଏବଂ ଇସ୍ରାଏଲର ସୈନ୍ୟ ପ୍ରତ୍ୟାହାରକୁ ବାଧ୍ୟତାମୂଳକ କରିଥିବା ୬୦ଦିନିଆ ଅସ୍ତ୍ରବିରତି ରାଜିନାମାକୁ ଉଭୟପକ୍ଷ ଉଲ୍ଲଙ୍ଘନ କରିଛନ୍ତି ।

## ଟିଏମ୍-କ୍ଷତିପୂରଣ

ବାତ୍ୟା ଫେଞ୍ଜାଲ ପ୍ରଭାବିତ ତାମିଲନାଡୁ ବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଆଜି ଏକ ବିବୃତ୍ତିରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ କହିଛନ୍ତି ବନ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୫ ଲକ୍ଷ ଟଙ୍କା

କ୍ଷତିପୂରଣ ଦିଆଯିବ । ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଝୁମ୍ପୁଡି ପାଇଁ ୧୦ହଜାର ଟଙ୍କା ସହାୟତା ଦିଆଯିବା ସହିତ ସରକାରୀ ଆବାସ ଯୋଜନାରେ ମଧ୍ୟ ପ୍ରାଥମିକତା ଦିଆଯିବ । ଧାନ କ୍ଷେତ ପାଇଁ କ୍ଷତିପୂରଣ ବାବଦକୁ ହେକ୍ଟର ପିଛା ୧୭ ହଜାର ଟଙ୍କା ଦିଆଯିବ । ଭିଲୁପୁରମ, କାଲାକୁରୁଚି, ତିରୁଭାନାମାଲାଇ, କୁଡାଲୋର, ଧର୍ମପୁରୀ ଏବଂ କୃଷ୍ଣଗିରିର ବନ୍ୟା ପ୍ରଭାବିତ ଲୋକଙ୍କୁ ୨ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ତାମିଲନାଡୁକୁ ସମସ୍ତ ପ୍ରକାର ସହାୟତା ଓ ସହଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

## ସୌଗମ୍ୟ ଭାରତ ଅଭିଯାନ

ସୌଗମ୍ୟ ଭାରତ ଅଭିଯାନର ଆଜି ନବମ ବାର୍ଷିକୀ ପାଳନ କରାଯାଉଛି । ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ସୁଲଭ ଏବଂ ସମାବେଶୀ ଭାରତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହାଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହି ଅଭିଯାନ ଭିତ୍ତିଭୂମି, ପରିବହନ ଏବଂ ସାର୍ବଜନୀନ ସ୍ଥାନକୁ ଅଧିକ ସୁଗମ୍ୟ କରିବା ଉପରେ ଧ୍ୟାନ ଦେଇଥାଏ । ଦିବ୍ୟାଙ୍ଗ ମାନଙ୍କ ଅଧିକାର ଏବଂ ଆବଶ୍ୟକତା ବିଷୟରେ ଏହି ଅଭିଯାନ ସଚେତନତା ସୃଷ୍ଟି କରିଥାଏ । ସୁଲଭ ସାର୍ବଜନୀନ ପରିବହନଠାରୁ ଆରମ୍ଭ କରି ସମାବେଶୀ ଶିକ୍ଷା ପଦକ୍ଷେପ ପର୍ଯ୍ୟନ୍ତ ଏହି ଅଭିଯାନ ଲକ୍ଷଲକ୍ଷ ଦିବ୍ୟାଙ୍ଗମାନଙ୍କୁ ମର୍ଯ୍ୟାଦା ଏବଂ ସମ୍ମାନର ସହ ଜୀବନଯାପନ କରିବାରେ ସକ୍ଷମ କରିଛି ।

ଗତ ୯ବର୍ଷ ମଧ୍ୟରେ ସୁଗମ୍ୟ ଭାରତ ଅଭିଯାନ ଭିନ୍ନକ୍ଷମମାନଙ୍କ ପାଇଁ ଅଧିକ ସମାବେଶୀ ପରିବେଶ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ

ମାଇଲଖୁଣ୍ଟ ହାସଲ କରିଛି । ହଜାରହଜାର ସରକାରୀ କୋଠା ଏବଂ ପରିବହନ ସୁବିଧାର ପୁନରୁଦ୍ଧାରଠାରୁ ଆରମ୍ଭ କରି ସାଙ୍କେତିକ ଭାଷା ତାଲିମ କାର୍ଯ୍ୟକ୍ରମର ବିକାଶ ଏବଂ ସୁଲଭ ଟିଭି ବିଷୟବସ୍ତୁ ସୁନିଶ୍ଚିତ କରିବା ପର୍ଯ୍ୟନ୍ତ ଏହି ଅଭିଯାନ ସାର୍ବଜନୀନ ଉପଲବ୍ଧତା ପାଇଁ ମୂଳଦୁଆ ପକାଇଛି ।

ଆଜି ଦେଶର ସମସ୍ତ ୩୫ଟି ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅଣସ୍ତରୀଟି ଘରୋଇ ବିମାନବନ୍ଦର ମଧ୍ୟରୁ ୫୫ଟିରେ ଦିବ୍ୟାଙ୍ଗମାନଙ୍କ ପାଇଁ ର୍ୟାମ୍ପ, ସୁଲଭ ଶୌଚାଳୟ, ହେଲ୍‌ପ ଡେସ୍କ, ବ୍ରେଲ୍ ଏବଂ ଶ୍ରବଣ ପ୍ରଣାଳୀ ସହିତ ଅନ୍ତର୍ଜାତୀୟ ଏବଂ ସୀମାଶୁଳ୍କ ବିମାନବନ୍ଦରରେ ଏରୋବ୍ରିଜ୍‌ର ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ଅଧୀନରେ ଏକହଜାରରୁ ଅଧିକ ଲୋକଙ୍କୁ ଭାରତୀୟ ସାଙ୍କେତିକ ଭାଷାରେ ତାଲିମ ଦିଆଯାଇଛି ।